# ସ୍ୱାଧିକାର, ସ୍ୱାଭିମାନ ଓ ସ୍ୱାଭାବିକ ନେତୃତ୍ୱ

କଂଗ୍ରେସ ଦଳରୁ ତିନିଜଣ ତୁଂଗ ନେତାଙ୍କ ବହିଷ୍କାର ନିଷ୍ପତ୍ତି କେତେକ ଅଶୁଭ ସଂକେତ ବହନ କରୁଛି। ପାୱାର, ଅନଓ୍ୱାର ଓ ସାଂଗମା ଏହି ତିନି ତୁଂଗ ନେତାଙ୍କୁ ବହିଷ୍କାର କରି କଂଗ୍ରେସ କାର୍ଯ୍ୟକାରିଣୀ ଦଳର ସାଂପ୍ରତିକ ସଂକଟକୁ ଟାଳି ଦେଇ ପାରିଛନ୍ତି ବୋଲି ଯଦି ଭାବୁଥାନ୍ତି ତେବେ ସେମାନେ ଏକ ମସ୍ତବଡ ଭୁଲ କରୁଛନ୍ତି ବୋଲି କହିବାକୁ ହେବ। ଆମ ବିଚାରରେ ସ୍ୱାଧିକାର, ସ୍ୱାଭିମାନ ଓ ସ୍ୱାଭାବିକ ନେତୃତ୍ୱର ବିକାଶ ପାଇଁ ଏହି ବହିଷ୍କାର ନିଷ୍ପତ୍ତି ଆଦୌ ଅନୁକୂଳ ନୁହେଁ। ଗଣତଂତ୍ରର ବିକାଶ ପାଇଁ ସୁସଂଗଠିତ ଦଳର ଯେତିକି ଆବଶ୍ୟକତା ଅଛି, ଦଳର ସୁସଂଗଠନ ପାଇଁ ଆଭ୍ୟଂତରୀଣ ଗଣତଂତ୍ରର ମଧ୍ୟ ଅନୁରୂପ ଆବଶ୍ୟକତା ରହିଛି। କଂଗ୍ରେସ କାର୍ଯ୍ୟକାରିଣୀର ନିଷ୍ପତ୍ତି ଯେ ଆଭ୍ୟଂତରୀଣ ଗଣତଂତ୍ର ପ୍ରତି ସର୍ବନିମ୍ନ ସମ୍ମାନର ଅଭାବକୁ ପ୍ରକଟିତ କରିଛି ଏହା ଦିବାଲୋକ ପରି ସ୍ପଷ୍ଟ। ଗାଣତଂତ୍ରିକ ରାଜନୀତି ଭିନ୍ନମତ ପୋଷଣ କରିବାର ଅଧିକାରକୁ ସ୍ୱୀକୃତି ଦେବା ସଂଗେ ସଂଗେ ଭିନ୍ନ ମତାବଲଂବୀମାନଙ୍କ ପ୍ରତି ସର୍ବନିମ୍ନ ସମ୍ମାନର ଅପେକ୍ଷା ରଖିଥାଏ। କଂଗ୍ରେସ କାର୍ଯ୍ୟକାରିଣୀର ନିଷ୍ପତ୍ତିରେ ଏହାର କିଂଚିତ ଆଭାସ ମଧ୍ୟ ନାହିଁ। ନିଜର ମତପ୍ରକାଶ କରିବାର ସ୍ୱାଧିକାରକୁ ଯେପରି ଭାବେ ସଂକୋଚନ କରାଗଲା ତାହାକୁ ସହଜରେ ଗ୍ରହଣ କରିହେଉ ନାହିଁ। କଂଗ୍ରେସ ଦଳର ଏହି ଦୁର୍ବଳତା ଦଳକୁ ଗତ କିଛିବର୍ଷ ଧରି ଏକ ବ୍ୟକ୍ତିକେନ୍ଦ୍ରିକ ସଂଗଠନରେ ପରିଣତ କରିଛି। ବହୁ ସ୍ୱାଭିମାନୀ, ଲୋକପ୍ରିୟ ନେତା ସଂଗଠନ ଠାରୁ ଦୂରେଇ ଯାଇଛନ୍ତି। ସାମୂହିକ ଜୀବନରେ କିଛି କିଛି ଉପଲବ୍ଧି ରଖିଥିବା ନେତୃବର୍ଗଙ୍କର ସବୁଠାରୁ ବଡ ସଂପତ୍ତି ହେଲା ସ୍ୱାଭିମାନ। କଂଗ୍ରେସ ଦଳର ବିଗତ ବର୍ଷ ଗୁଡ଼ିକର ତୋଷାମୋଦୀ ସଂସ୍କୃତିରେ ବହୁ ସ୍ୱାଭିମାନୀ ନେତା ଅସ୍ୱସ୍ତିବୋଧ କରିବା ସ୍ୱାଭାବିକ। ଯେଉଁ ତିନିଜଣ ତୁଂଗ

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ନେତାଙ୍କୁ ବହିଷ୍କାର କରାଯାଇଛି ସେମାନଙ୍କ ବିଷୟରେ ଟିକିଏ ଚିଂତା କଲେ ଏହା ସ୍ପଷ୍ଟ ହୋଇଯାଉଛି। ଶରଦ ପାୱାର ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଥିଲେ ଏବଂ ସେଥିପାଇଁ ସ୍ୱତଂତ୍ର ମାନ୍ୟତା ଦାବି କରଂତି। ଶ୍ରୀ ସାଂଗମା ଏକାଦଶ ଲୋକସଭାର ବାଚସ୍ପତି ହିସାବରେ ମଧ୍ୟ ସ୍ୱତଂତ୍ର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇଥିଲେ। ସଂଖ୍ୟାଲଘୁ ଖ୍ରୀଷ୍ଟିଆନ୍ ସଂପ୍ରଦାୟ ଏବଂ ଆଦିବାସୀ ଭାଇ ଭଉଣୀମାନଙ୍କ ପ୍ରତି କଂଗ୍ରେସର ଯେଉଁ ଦରଦ ଅଛି ସାଂଗମା ତା'ର ପ୍ରତୀକ ଥିଲେ। ତାରିକ ଅନଓ୍ୱାର ଅନ୍ୟ ଏକ ସଂଖ୍ୟାଲଘୁ ସଂପ୍ରଦାୟର ପ୍ରତିନିଧିତ୍ୱ କରୁଥିଲେ। ଏ ତିନିହେଁ ଗତ ସାଧାରଣ ନିର୍ବାଚନରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ପାୱାର ଓ ଅନଓ୍ୱାର ଏ.ଆଇ.ସି.ସି. ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇ କଂଗ୍ରେସ କାର୍ଯ୍ୟକାରିଣୀର ସଭ୍ୟ ହୋଇଥିଲେ। ଏଭଳି ତିନିଜଣ ନେତାଙ୍କୁ ଯେଉଁ କାରଣରୁ ବହିଷ୍କାର କରାଗଲା ବୋଲି କୁହାଯାଉଛି ତାହା ମଧ୍ୟ ସହଜରେ ଗ୍ରହଣ କରିହେଉ ନାହିଁ। ସେମାନେ କେବଳ ପତ୍ରଦ୍ୱାରା ଏକ ପ୍ରସ୍ତାବ ମାତ୍ର ରଖିଥିଲେ। ଏହାପଛରେ ସେମାନଙ୍କର କି ଉଦ୍ଦେଶ୍ୟ ଥିଲା, ତାହା ଯେତେବଡ ପ୍ରଶ୍ନ ନୁହେଁ ତାଂକ ପତ୍ର ପାଇ କଂଗ୍ରେସ ସଭାନେତ୍ରୀ ଏବଂ ଅନ୍ୟ ତୁଂଗ ନେତାମାନେ ଯେଉଁ ପ୍ରତିକ୍ରିୟା ପ୍ରକାଶ କଲେ ସେଥିପାଇଁ ବେଶି ବ୍ୟଥିତ ହେବାକୁ ପଡୁଛି। ଦଳରେ ଦେଖାଦେଇଥିବା ଏ ସଂକଟର ମୁକାବିଲା କରିବା ପରିବର୍ତ୍ତେ ସଭାନେତ୍ରୀ ଅଭିମାନରେ ଇସ୍ତଫା ଦେଇ ଚାଲିଯିବା ଦ୍ୱାରା ଦଳୀୟ ସଂକଟ ଯେ ଅଧିକ ଘନୀଭୂତ ହେଲା ତାହା ନୁହେଁ, ସଂକଟ ସମୟରେ ଦଳକୁ ନେତୃତ୍ୱ ଦେବାରେ ଯୋଗ୍ୟତାର ଅଭାବ ମଧ୍ୟ କିଛି ପରିମାଣରେ ପରିଲକ୍ଷିତ ହେଲା। ଅନ୍ୟ ନେତୃବର୍ଗଙ୍କର ଇସ୍ତଫା ନାଟକ ଏହାକୁ ଅଧିକ ପ୍ରତିପାଦିତ କଲା। ଦଳକୁ ସାଧାରଣରେ ଲୋକହସା କରିବା ସଂଗେ ସଂଗେ ଏହା ବିରୋଧୀଦଳକୁ ଉତ୍ସାହିତ ମଧ୍ୟ କଲା।

ଆମ ବିଚାରରେ ଏ ସମୁଦାୟ ବ୍ୟାପାରରେ ତୃତୀୟ ଦିଗଟି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ ଦଳର ସବୁସ୍ତରରେ ସ୍ୱାଭାବିକ ନେତୃତ୍ୱର ଅଭାବ। ଏହା ଦଳକୁ ଦିନକୁ ଦିନ ଅଧିକରୁ ଅଧିକ ଦୁର୍ବଳ କରି ଚାଲିଛି। ଗତ କିଛିବର୍ଷ ଧରି ସ୍ୱାଭାବିକ ବ୍ୟବସ୍ଥାକୁ ଉପେକ୍ଷା କରି ଆରୋପିତ ନେତୃତ୍ୱର ପରଂପରା ସୃଷ୍ଟି ହୋଇଛି। ଆରୋପିତ ନେତୃତ୍ୱର ପରଂପରା ସ୍ୱାଧିକାର ଓ ସ୍ୱାଭିମାନର ପରିପଂଥୀ। କଂଗ୍ରେସ ଦଳରେ ଉପରୁ ତଳ ପର୍ଯ୍ୟଂତ ଏପରି ଏକ ସଂସ୍କୃତି ବ୍ୟାପିଛି। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ କେହି ସାହସ କରିପାରୁନାହାଂତି। ଫଳରେ ବହୁ ଜ୍ଞାନୀ, ମାନୀ ଓ ଅନୁଭବୀ ବ୍ୟକ୍ତି କଂଗ୍ରେସରୁ କ୍ରମେ ଦୂରେଇ ଯାଉଛଂତି। ଯେଉଁଠି ପାୱାର, ଅନଓ୍ୱାର ଓ ସାଂଗମାଂକ ଅବସ୍ଥା ଏପରି, ସେଠି ଅନ୍ୟମାନେ ବା କ'ଣ କରି ପାରିବେ ?

ଏବେ ବି ସମୟ ଅଛି। ଏ.ଆଇ.ସି.ସି ଅଧିବେଶନ ବସିବାକୁ ଯାଉଛି। କଂଗ୍ରେସ କାର୍ଯ୍ୟକାରିଣୀ ନିଷ୍ପତ୍ତିର ପୁନର୍ବିଚାର କରିବାର ସୁଯୋଗ ରହିଛି। ବ୍ୟାପାରଟିକୁ ଆତ୍ମସମ୍ମାନର ପ୍ରଶ୍ନ ନ କରି ଏବଂ ବ୍ୟକ୍ତିଗତ ଅଭିମାନକୁ ପରିହାର କରି କଂଗ୍ରେସ ଦଳକୁ ଅଧିକ ମଜଭୁତ କରିବାପାଇଁ ନିଷ୍ପତ୍ତିର ପୁନର୍ବିଚାର କରାଯାଉ। ସମସ୍ତେ ଏକଜୁଟ ହୋଇ ଆଗାମୀ ନିର୍ବାଚନର ମୁକାବିଲା କରଂତୁ। 'ବିଦେଶିନୀ' ପ୍ରସଂଗ ସଂପର୍କରେ ନିଷ୍ପତ୍ତି ଦେଶର ବିଚାରବଂତ ଜନସାଧାରଣଙ୍କ ଉପରେ ଛାଡ଼ି ଦିଆଯାଉ। ଜନସମର୍ଥନ ପାଇ ଜୟଯୁକ୍ତ ହେଲେ ତ ଯାଇ ଜଣେ ପ୍ରଧାନମଂତ୍ରୀ ହେବ !